ଉଜଗର୍ ସିଂ ଏବଂ ଅନ୍ୟାନ୍ୟ

ବନାମ

ପଞ୍ଜାବ ରାଜ୍ୟ ଏବଂ ଅନ୍ୟାନ୍ୟ

ଜୁଲାଇ 25, 1996

[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟାଧୀଶଦ୍ୱୟ]

*ପେପସୁ ପ୍ରଜାସ୍ୱତ୍ୱ ଏବଂ କୃଷି ଜମି ଅଧିନିୟମ, 1955 :*

*ଜମି - ସର୍ବୋଚ୍ଚ ସୀମା - ଅତିରକ୍ତ ଜମି - ଉତ୍ତରଦାତାଙ୍କ ଅତିରକ୍ତ ଜମିର ପୁନଃନିର୍ଦ୍ଧାରଣ - ଚୂଡ଼ାନ୍ତତା ହାସଲ କରିବା ନିର୍ଦ୍ଧାରଣ ଆଦେଶ ରାଜ୍ୟ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଅତିରକ୍ତ ଜମିର ଦଖଲ - ସରକାରୀ ଯୋଜନା ଅନୁଯାୟୀ ଭୂମିହୀନ ବ୍ୟକ୍ତିମାନଙ୍କ ମଧ୍ୟରେ ଏକକାଳୀନ ଜମି ବଣ୍ଟନ ପରବର୍ତ୍ତୀ ସମୟରେ ଏକତ୍ରୀକରଣ ପ୍ରକ୍ରିୟାରେ ଜମି ମାଲିକ ଅଧିନିୟମ ଅନୁଯାୟୀ ନିର୍ଦ୍ଧାରିତ ମାନକ ଏକର ଠାରୁ କମ୍ ଜମି ଦଖଲରେ ଥିବାର ଦେଖିବାକୁ ମିଳିଥିଲା - ଅତିରକ୍ତ ଜମିର ପୁନଃନିର୍ଦ୍ଧାରଣ ପାଇଁ ଜମି ମାଲିକ ଆବେଦନ ଦାଖଲ କଲେ - କମିଶନର ଏବଂ ପୁନରୀକ୍ଷଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ - ଆଜ୍ଞାଦେଶ- ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଲେ ଯେ ଅତିରିକ୍ତ ଜମି ପୁନଃନିର୍ଦ୍ଧାରଣ ଏବଂ ପୁନଃସ୍ଥାପନ କରାଯିବା ଆବଶ୍ୟକ - ଯୋଜନା ଅନୁଯାୟୀ ଜମି ବଣ୍ଟନ କରାଯାଇଥିବା ଭୂମିହୀନ ବ୍ୟକ୍ତିମାନଙ୍କ ଦ୍ୱାରା ଆବେଦନକୁ ଆଗତ କରାଯାଇଥିଲା - ନିର୍ଣ୍ଣୟ ହେଲା ଯେ, ଅତିରିକ୍ତ ଜମି ନିର୍ଦ୍ଧାରଣର ଆଦେଶ ଚୂଡ଼ାନ୍ତ ହେବା ପରେ ଏହା ଜମି ମାଲିକ କିମ୍ବା ତାଙ୍କ ପକ୍ଷରୁ ଦାବି କରୁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ପୁନର୍ନିର୍ଦ୍ଧାରଣ ଦାବି କରିବା ପାଇଁ ମୁକ୍ତ ନଥିଲା - ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ଦୃଷ୍ଟିକୋଣକୁ ଅବୈଧ ବୋଲି ନିର୍ଣ୍ଣିତ ହେଲା ।*

ଦେୱାନୀ ଅପିଲୀୟ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 2735/1981 ।

ଏଲ. ପି. ଏ. ସଂଖ୍ୟା 404/1975ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 20.9.78 ର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏସ୍. ଏମ୍. ଆଶ୍ୱରୀ ।

ଉତ୍ତରଦାତାଙ୍କ ପାଇଁ ମନୋଜ ସ୍ୱରୂପ, କେ. ସି. ଗୁପ୍ତା ଏବଂ ଏ. କେ. ଗୋୟଲ ।

ଉଜଗର୍ ସିଂ ବନାମ ରାଜ୍ୟ

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ପ୍ରତିସ୍ଥାପନ ଅନୁମତି ଦିଆଗଲା ।

ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠରେ 20.9.1978 ରେ LPA ସଂଖ୍ୟା 404/75 ରେ ଦିଆଯାଇଥିବା ଆଦେଶ ବିରୁଦ୍ଧରେ ଉତ୍ପନ୍ନ ହୋଇଛି, ଯେଉଁଥିରେ 8 ମଇ, 1975 ରେ ବିଜ୍ଞ ଏକକ ବିଚାରପତିଙ୍କ ଆଦେଶକୁ ସୁନିଶ୍ଚିତ କରାଯାଇଛି, ଯାହା 20 ଜୁଲାଇ, 1961 ରେ ଅତିରିକ୍ତ ଜମିର ଦଖଲ ନେବା ଏବଂ ଅତିରିକ୍ତ ଜମିର ପୁନଃନିର୍ଦ୍ଧାରଣ ନିର୍ଦ୍ଦେଶ ଦେବାର ଆଦେଶକୁ ବାତିଲ କରିଛନ୍ତି । ସ୍ୱୀକାର କରାଯାଇଥିବା ତଥ୍ୟ ହେଉଛି ଯେ କଲେକ୍ଟର PEPSU ପ୍ରଜାସ୍ୱତ୍ୱ ଏବଂ କୃଷି ଜମି ଅଧିନିୟମ, 1955 ଅନୁଯାୟୀ କ୍ଷମତା ପ୍ରୟୋଗ କରି 28 ମଇ, 1960 ତାରିଖର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଉତ୍ତରଦାତାମାନଙ୍କ ଅତିରିକ୍ତ ଜମି 18.82 ମାନକ ଏକର ସ୍ଥିର କରିଥିଲେ । ଅପିଲ  ଦାଖଲ କରି ଏହି ଆଦେଶକୁ ଆପତ୍ତି କରାଯାଇ ନଥିଲା । 3 ଜୁଲାଇ, 1961 ରେ ଦଖଲ ହସ୍ତାନ୍ତର କରିବାର ବିଜ୍ଞପ୍ତି ଦିଆଯାଇଥିଲା, ଯେଉଁଥିରେ ଉତ୍ତରଦାତାମାନଙ୍କୁ ବିଜ୍ଞପ୍ତି ପ୍ରାପ୍ତ ହେବାର ଦଶ ଦିନ ମଧ୍ୟରେ ଉପରୋକ୍ତ ଅତିରିକ୍ତ ଜମିର ଦଖଲ ପ୍ରଦାନ କରିବାକୁ ଆହ୍ୱାନ କରାଯାଇଥିଲା । ସ୍ୱୀକାରଯୋଗ୍ୟ, ରାଜ୍ୟ ଅଧିକାରୀମାନେ 18.82 ମାନକ ଏକର ଜମିର ଦଖଲ ଇନ୍ଦର ସିଂଙ୍କଠାରୁ ନେଇଥିଲେ, ଯିଏ ଜୁଲାଇ 12,1961 ରେ ଦଖଲ ଗ୍ରହଣ କରିଥିବା ସ୍ୱୀକାର କରିଥିଲେ ।

ପରବର୍ତ୍ତୀ ସମୟରେ, 1961-62 ମସିହାରେ ହୋଇଥିବା ଏକତ୍ରୀକରଣ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହା ଜଣାପଡ଼ିଥିଲା ଯେ ଅଧିନିୟମ  ଅନୁଯାୟୀ ନିର୍ଦ୍ଦିଷ୍ଟ ମାନକ ଏକର ତୁଳନାରେ ଇନ୍ଦର ସିଂଙ୍କର ଜମିର ପରିମାଣ କମ୍ ଥିଲା । ଫଳସ୍ୱରୂପ, ଯେତେବେଳେ ସେ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଆବେଦନ କରିଥିଲେ, କମିଶନର ଏବଂ ପୁନରୀକ୍ଷଣ କର୍ତ୍ତୃପକ୍ଷ ଦାବିକୁ ଅସ୍ୱୀକାର କରିଦେଇଥିଲେ ଯାହା ଫଳରେ ଆଜ୍ଞାଦେଶ ଆବେଦନ ଦାଖଲ କରାଯାଇଥିଲା । ପୂର୍ବରୁ ଉଲ୍ଲେଖ କରାଯାଇଥିବା ପରି,  ଉଚ୍ଚ ନ୍ୟାୟାଳୟର ବିଜ୍ଞ ଏକକ ବିଚାରପତି ଏବଂ ଦୁଇଜଣିଆ ବିଚାରପତିଙ୍କ ଖଣ୍ଡପୀଠ ସରକାରୀ ଆଦେଶକୁ ବାତିଲ କରିଦେଇଛନ୍ତି ଯେ ଇନ୍ଦର ସିଂଙ୍କର ଏକୀକରଣ ପ୍ରକ୍ରିୟାରେ ନିର୍ଦ୍ଧାରିତ ହୋଇଥିବା ଅଧିନିୟମ ଅନୁଯାୟୀ ନିର୍ଦ୍ଧାରିତ ମାନକ ଏକର ଅପେକ୍ଷା କମ୍ ଜମି ଥିବାର ଦେଖିବାକୁ ମିଳିଥିଲା । ତେଣୁ, ଅତିରିକ୍ତ ଜମିକୁ ପୁନଃନିର୍ଦ୍ଧାରଣ ଏବଂ ପୁନଃସ୍ଥାପନ କରିବାର ଆବଶ୍ୟକତା ଥିଲା ।

ପ୍ରଶ୍ନ ହେଉଛି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଆଯାଇଥିବା ମତ ଆଇନ ଦୃଷ୍ଟିରୁ ସଠିକ୍ କି ? ଯେତେବେଳେ ଇନ୍ଦର ସିଂ ଯେଉଁ ମାନକ ଏକର ରଖିବାକୁ ହକଦାର ଥିଲେ ତାହା ସ୍ଥିର କରାଯାଇଥିଲା ଏବଂ 28 ମେ, 1960 ର ଆଦେଶ ଦ୍ୱାରା 18.82 ମାନକ ଏକର ପରିମାଣର ଅତିରକ୍ତ ଜମି ନିର୍ଦ୍ଧାରଣ କରାଯାଇଥିଲା । ସେହି ଆଦେଶ ଚୂଡ଼ାନ୍ତ ହେବାକୁ ଅନୁମତି ଦିଆଯିବା ପରେ, ଇନ୍ଦର ସିଂ କିମ୍ବା ତାଙ୍କ ମାଧ୍ୟମରେ ସ୍ୱତ୍ୱ ଦାବି କରୁଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ପୁନଃନିର୍ଦ୍ଧାରଣ ପାଇଁ ଏହା ମୁକ୍ତ ରହିବ କି ? ଯେତେବେଳେ ସେମାନେ ଆଦେଶକୁ ଆପତ୍ତି କରି ନଥିଲେ ଏବଂ ପରବର୍ତ୍ତୀ ସମୟରେ ଏକତ୍ରୀକରଣ କାର୍ଯ୍ୟାନୁଷ୍ଠାନରେ ତାଙ୍କୁ ନିର୍ଦ୍ଧାରିତ ମାନକ ଦଖଲ ସ୍ୱତ୍ୱ ଅପେକ୍ଷା କମ୍ ପରିମାଣରେ ଧାରଣ କରିଥିବାର ଦେଖିବାକୁ ମିଳିଥିଲା, ସେମାନେ କ'ଣ ପୁନଃନିର୍ଣ୍ଣୟ ପାଇଁ ହକଦାର କି?ଆମର ବିଚାରଯୋଗ୍ୟ ମତ ହେଉଛି ଯେ ଏହା ଗ୍ରହଣୀୟ ନୁହେଁ । ଇନ୍ଦର ସିଂ କିମ୍ବା ତାଙ୍କ ଅଧୀନରେ ମାଲିକାନା ଦାବି କରୁଥିବା ଯେକୌଣସି ବ୍ୟକ୍ତି ଉପଯୁକ୍ତ ବିଚାରମଞ୍ଚ ସମ୍ମୁଖରେ ଆବେଦନ ଦାଖଲ କରି ଅତିରିକ୍ତ ଜମି ନିର୍ଣ୍ଣୟ କରିବାର ସଠିକତାକୁ ଆପତ୍ତି କରିବାକୁ ମୁକ୍ତ ରହିବ । ସ୍ୱୀକାରଯୋଗ୍ୟ, କୌଣସି ପଦକ୍ଷେପ ନିଆଯାଇ ନଥିଲା । ଅନ୍ୟପକ୍ଷରେ, ଏହି ଆଦେଶ ଚୂଡ଼ାନ୍ତ ହେବାକୁ ଅନୁମତି ଦିଆଯାଇଥିଲା ଏବଂ ଜୁଲାଇ 12,1961 ରେ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଇନ୍ଦର ସିଂଙ୍କ ଦ୍ୱାରା ସ୍ୱୀକାର କରାଯାଇଥିବା ପରି 18.82 ମାନକ ଏକରର ଅତିରିକ୍ତ ଜମିର ଦଖଲ ନିଆଯାଇଥିଲା । ଏହି ନ୍ୟାୟାଳୟରେ ଆବେଦନ କରିଥିବା ସରକାରଙ୍କ ଯୋଜନା ଅନୁଯାୟୀ ଭୂମିହୀନ ବ୍ୟକ୍ତିମାନଙ୍କୁ ଜମି ଏକକାଳୀନ ପୁନଃ ବଣ୍ଟନ କରାଯାଇଥିଲା । 1960 ମସିହା ମେ ମାସ 28 ତାରିଖର ସେହି ଆଦେଶ ଏବଂ 1961 ମସିହା ଜୁଲାଇ ମାସ 12 ତାରିଖର ବିତରଣ କାର୍ଯ୍ୟାନୁଷ୍ଠାନକୁ ଚୂଡ଼ାନ୍ତ ହେବାକୁ ଅନୁମତି ଦେବା ପରେ, ଇନ୍ଦର ସିଂ କିମ୍ବା ତାଙ୍କ ତରଫରୁ କୌଣସି ବ୍ୟକ୍ତି ପୁନର୍ନିର୍ଦ୍ଧାରଣ ଦାବି କରିପାରିବେ ନାହିଁ । ଉଚ୍ଚ ନ୍ୟାୟାଳୟ ମତ ସ୍ପଷ୍ଟ ଭାବେ ଅବୈଧ ।

ତଦନୁଯାୟୀ ଆବେଦନକୁ ଅନୁମତି ଦିଆଯାଇଛି । ଆଜ୍ଞାଦେଶ ଆବେଦନ ଖାରଜ ହୋଇଛି । କିନ୍ତୁ, ପରିସ୍ଥିତିରେ, ବିନା ଖର୍ଚ୍ଚରେ ।

ଟି. ଏନ୍. ଏ. ଆବେଦନକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ରାମଚନ୍ଦ୍ର ସାହୁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।